# ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ

ସଂଖ୍ୟା ୨୮୯୬ / ତାରିଖ ୧୮.୧୨.୨୦୨୦

## ବିଜ୍ଞାପନ

ଏତଦ୍ୱାରା ଟିଟିଲାଗଡ ପୌର ପରିଷଦର ସମସ୍ତ ଜନ ସାଧାରଣ, ଦୋକାନୀ, ବ୍ୟବସାୟୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ହାଟପଦା ଦୈନିକ ବଜାର ନିକଟସ୍ଥ ନୂତନ ନିର୍ମିତ ଦୋକାନ ଗୃହ , ମା ମଙ୍ଗଳାମନ୍ଦିର ଦୋକାନ ଗୃହ ଗୁଡ଼ିକର ସିଲଡ୍ ଟେଣ୍ଡର ନିମନ୍ତେ ନିମ୍ନମତେ ଓ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଦୋକାନ ଗୃହ ପାଇବା ପାଇଁ ଭାଗ ନେଇପାରିବେ ଓ ସର୍ବୋଚ୍ଚ ରାଶି ନିଲାମ ଧାରୀ ଦୋକାନ ଗୃହ ପାଇପାରିବେ । ଟେଣ୍ଡର କାଗଜାତ ପତ୍ର ଗୁଡ଼ିକ DistrictWebsite ରେ ଥିବା www.balangir.nic.in ରେ ଉପଲବ୍ଧ ଅଟେ । ଟେଣ୍ଡର ଆବେଦନ ଫର୍ମ କାର୍ଯ୍ୟାଳୟରୁ ଟ.୧୦୦୦/- ମୂଲ୍ୟ ପଇଠ କରି କିମ୍ବା ଉକ୍ତ ସମାନ ରାଶିର ଡିମାଣ୍ଡଡ୍ରାଫ୍ଟ ମାଧ୍ୟମରେ ପଇଠ କରିପାରିବେ ଏବଂ ଫର୍ମ ପାଇ ପାରିବେ , ଯାହା ଅଣ ଫେରସ୍ତ ଅଟେ । ସଂରକ୍ଷିତ ନିଲାମ ଓ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟରେ ପୃଥକ ଭାବେ କୌଣସି ଜାତୀୟ କରଣ ବ୍ୟାଙ୍କ ମାଧ୍ୟମରେ ଯାହା Executive Officer, Titilagarh Municipality ଙ୍କ ନାମ ଅନୁସାରେ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇପାରିବେ କିମ୍ବା ଅନ୍ ଲାଇନ୍ ମାଧ୍ୟମରେ ଆବେଦନ କରି ପରିବେ । ସ୍ୱମସ୍ତ କାଗଜାତ ପତ୍ର ଗୁଡ଼ିକ ସ୍ପିଡ ପୋଷ୍ଟ /ରେଜିଷ୍ଟ୍ରେସନ ପୋଷ୍ଟ / କୋରିଅର ସର୍ଭିସ / ବ୍ୟକ୍ତିଗତ ଭାବେ ଆବେଦନ ଫର୍ମରେ ସମସ୍ତ ତଥ୍ୟ ଉଲ୍ଲେଖ କରି ତା. ୦୧.୦୧.୨୦୨୧ , ସମୟ ଅପରାହ୍ନ ୫ଘଣ୍ଟା ମଧ୍ୟରେ ପକାଇପାରିବେ (ଛୁଟିଦିନ ବ୍ୟତିତ ) । ଏହି ନିଲାମ ପତ୍ର ଗୁଡ଼ିକ ତା. ୦୨.୦୧.୨୦୨୧ ସମୟ ପୂର୍ବାହ୍ନ ୧୧ ଘଣ୍ଟା ରେ କାର୍ଯାଳୟରେ ଖୋଲାଯିବ । ଉକ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଟେଣ୍ଡର ଆବଶ୍ୟକ ସ୍ଥଳେ ରଦ୍ଦକରି ପାରିବେ ।

| | |
|---|---|
| ଟେଣ୍ଡର କାଗଜାତ ପତ୍ରର ପ୍ରାପ୍ତ ସମୟ | ତା. ୨୧.୧୨.୨୦୨୦ ରୁ ତା. ୦୧.୦୧.୨୦୨୧ ପର୍ଯ୍ୟନ୍ତ |
| ଟେଣ୍ଡର କାଗଜାତ ପତ୍ରର ଦାଖଲ ସମୟ | ତା. ୨୨.୧୨.୨୦୨୦ ରୁ ତା. ୦୧.୦୧.୨୦୨୧ ପର୍ଯ୍ୟନ୍ତ , ସମୟ ଅପରାହ୍ନ ୫ ଘଣ୍ଟା ମଧ୍ୟରେ |
| ଟେଣ୍ଡର ଖୋଲିବାର ତାରିଖ ଓ ସମୟ | ତା. ୦୨.୦୧.୨୦୨୧ ସମୟ. ପୂର୍ବାହ୍ନ ୧୧ ଘଣ୍ଟା |

### ହାଟପଦା ମାର୍କେଟ କମ୍ପ୍ଲେକ୍ସ , ହାଟପଦା ପଡା

| କ୍ର. ନଂ. | ଦୋକାନ ଗୃହର ଆକାର | ଦୋକାନ ଗୃହର ନମ୍ବର | ଦୋକାନ ଗୃହର ସଂଖ୍ୟା | ଟେଣ୍ଡର ସର୍ବନିମ୍ନ ରାଶି | ଅମାନତ ରାଶି | ମାସିକ ଭଡା |
|---|---|---|---|---|---|---|
| ୧ | ୧୦’- ୮” x ୧୦’-୧୧” ପ୍ରତ୍ୟେକ ରାସ୍ତା ସାମନାରେ | ୧,୨,୪,୫ ,୬,୭,୮, ୯,୧୦ | ୦୯ | ଟ.୩,୫୦,୦୦୦ (ତିନି ଲକ୍ଷ ପଚାଶ ହଜାର ମାତ୍ର) | ଟ. ୩୫,୦୦୦ (ପଞ୍ଚତିରିଶ ହଜାର ମାତ୍ର) | ଟ. ୪,୫୦୦ (ଚାରି ହଜାର ପାଞ୍ଚଶହ ମାତ୍ର) |
| ୨ | ୧୦’- ୮” x ୧୦’-୧୧” ପ୍ରତ୍ୟେକ ମାର୍କେଟ ସାମନାରେ | ୧୧ ରୁ ୨୦ | ୧୦ | ଟ. ୩, ୦୦,୦୦୦ (ତିନି ଲକ୍ଷ ମାତ୍ର) | ଟ. ୩୦,୦୦୦ (ତିରିଶ ହଜାର ମାତ୍ର) | ଟ. ୪,୦୦୦ (ଚାରି ହଜାର ମାତ୍ର) |

## ମାଁ ମଙ୍ଗଳା ମାର୍କେଟ କମ୍ପ୍ଲେକ୍ସ (ନୂତନ),ଷ୍ଟେସନ ରୋଡ

| କ୍ର. ନଂ. | ଦୋକାନ ଗୃହର ଆକାର | ଦୋକାନ ଗୃହର ନମ୍ବର | ଦୋକାନ ଗୃହର ସଂଖ୍ୟା | ଟେଣ୍ଡର ସର୍ବନିମ୍ନ ରାଶି | ଅମାନତ ରାଶି | ମାସିକ ଭଡା |
|---|---|---|---|---|---|---|
| ୧ | ୯'- ୧୦" x ୧୨'-୦୬" (ତଳ ମହଲା ପାହାଚ ପାଖ) | ୦୧ | ୦୧ | ଟ. ୩, ୦୦,୦୦୦ (ତିନି ଲକ୍ଷ ମାତ୍ର) | ଟ. ୩୦,୦୦୦ (ତିରିଶ ହଜାର ମାତ୍ର) | ଟ. ୪,୦୦୦ (ଚାରି ହଜାର ମାତ୍ର) |
| ୨ | ୯'- ୧୦" x ୧୨'-୦୬" (ସାମନା ପାଖ) | ୦୩ | ୦୧ | ଟ. ୩, ୦୦,୦୦୦ (ତିନି ଲକ୍ଷ ମାତ୍ର) | ଟ. ୩୦,୦୦୦ (ତିରିଶ ହଜାର ମାତ୍ର) | ଟ. ୪,୦୦୦ (ଚାରି ହଜାର ମାତ୍ର) |
| ୩ | ୯'- ୫" x ୧୩'-୦୯" (ରାସ୍ତା ସାମନା) | ୦୫ | ୦୧ | ଟ.୩,୫୦,୦୦୦ (ତିନି ଲକ୍ଷ ପଚାଶ ହଜାର ମାତ୍ର) | ଟ. ୩୫,୦୦୦ (ପଞ୍ଚତିରିଶ ହଜାର ମାତ୍ର) | ଟ. ୫,୦୦୦ (ପାଞ୍ଚ ହଜାର ମାତ୍ର) |
| ୪ | ୯'- ୫" x ୧୩'-୦୯" (ରାସ୍ତା ସାମନା) | ୦୬ | ୦୧ | ଟ.୩,୫୦,୦୦୦ (ତିନି ଲକ୍ଷ ପଚାଶ ହଜାର ମାତ୍ର) | ଟ. ୩୫,୦୦୦ (ପଞ୍ଚତିରିଶ ହଜାର ମାତ୍ର) | ଟ. ୫,୦୦୦ (ପାଞ୍ଚ ହଜାର ମାତ୍ର) |

<u>ସର୍ତ୍ତାବଳୀ</u>

୧. ଟେଣ୍ଡରର ସର୍ବନିମ୍ନ ରାଶି ଉପରେ ଯେଉଁ ନିଲାମଧାରୀ ସର୍ବୋଚ୍ଚ ରାଶି ଉଲ୍ଲେଖ କରିଥିବେ ସେ ହିଁ ଯୋଗ୍ୟ ବିବେଚିତ ହେବେ ।

୨. କୃତକାର୍ଯ୍ୟ ନିଲାମ ଧାରୀ ନିଲାମ ପରିମାଣ ରାଶି ଯାହା ୫୦,୨୫ ଏବଂ ୨୫ ପ୍ରତିଶତ ଏହିପରି ତିନୋଟି ପର୍ଯ୍ୟାୟରେ ଉକ୍ତ ରାଶି ୭ ଦିନ ବ୍ୟବଧାନରେ କାର୍ଯ୍ୟାଳୟରେ ଦାଖଲ କଲା ପରେ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ତାଙ୍କୁ ଦୋକାନ ଗୃହ ପ୍ରଦାନରେ ଚୂଡ଼ାନ୍ତ ବ୍ୟବସ୍ଥା ଗ୍ରହଣ କରାଯିବ ।

୩. ନିଲାମ କୃତକାର୍ଯ୍ୟପରେ ୪୮ ଘଣ୍ଟା ମଧ୍ୟରେ ତାଙ୍କ ଟେଣ୍ଡର ରାଶିର ୫୦ ପ୍ରତିଶତ ରାଶି ପୈଠ କରିବେ । ନତୁବା ତାଙ୍କର ଅମାନତ ରାଶି ହରେଇବେ ଓ ନିଲାମଧାରୀ ଦୋକାନ ଗୃହ ପାଇବାରେ ବଂଚିତ ହେବେ ଏବଂ ସେହି ଦୋକାନ ଗୃହ ପୁନଃ ଟେଣ୍ଡର କରାଯିବ ।

୪. ପ୍ରତି ଦୋକନ ଗୃହ ମାସିକ ଭଡ଼ା ର ୩ ବର୍ଷକୁ ଥରେ ଲେଖାଏଁ ୧୦ ପ୍ରତିଶତ ବୃଦ୍ଧି କରାଯିବ ।

୫. ସଂପୂର୍ନ ନିର୍ମାଣ କାର୍ଯ୍ୟ ସମାପ୍ତ ପରେ ଦୋକାନ ଗୃହ ହସ୍ତାନ୍ତର କରାଯିବ ।

୬. ପୌର ପରିଷଦ କୌଣସି କାରଣ ନ ଦର୍ଶାଇ ଆବଶ୍ୟକ ସ୍ଥଳେ ଏକ କିମ୍ବା ସମସ୍ତ ଟେଣ୍ଡରକୁ ରଦ୍ଦକରି ପାରିବେ ।

୭. ସମସ୍ତ ନିର୍ମାଣ କାର୍ଯ୍ୟ ସମାପ୍ତ ପରେ ଦୋକାନୀ ହିତାଧିକାରୀଙ୍କୁ ଜଣାଇ ଦିଆଯିବ ଏବଂ ହିତାଧିକାରୀଙ୍କ ସହିତ ଚୁକ୍ତି ପତ୍ର ସଂପାଦନ କରାଯିବ ଓ ସେହି ଦିନ ଠାରୁ ଷ୍ଟଲ ଭଡ଼ା ଲାଗୁ ହେବ ।

୮. ଦୋକାନ ଗୃହ ହିତାଧିକାରୀ ଉକ୍ତ ଦୋକାନକୁ ନିର୍ଦ୍ଦେଶକ, ସହରାଂଚଳ ଅଧିକାରୀଙ୍କ ବିନା ଅନୁମତିରେ କାହାକୁ ଭଡ଼ାରେ ଦେଇ ପାରିବେ ନାହିଁ, ବିକ୍ରି କରି ପାରିବେ ନାହିଁ, କୌଣସି ଅଂଶ ପ୍ରଦାନ କରିପାରିବେ ନାହିଁ, ଭାଗିଦାରୀ ପ୍ରବେଶ କରିପାରିବେ ନାହିଁ ।

୯. ନିଲାମ ସମୟରେ ଯଦି ନିଲାମଧାରୀ ଭାଗିଦାରୀ ପ୍ରବେଶ ଉଲ୍ଲେଖ କରି ନଥିବେ ତେବେ ପରବର୍ତ୍ତି ସମୟରେ ତାହା ଗ୍ରହଣୀୟ ଯୋଗ୍ୟ ନୁହେଁ ।

୧୦. ଦୋକାନ ଗୃହ ପଞ୍ଜୀକରଣ ବାତିଲ ହେଲା ପରେ ଭାଗୀଦାରୀ ପ୍ରବେଶ କାର୍ଯ୍ୟକାରୀ ହୋଇ ପାରିବ ।

୧୧. ଯଦି ଦୋକାନ ହିତାଧିକାରୀ ତାଙ୍କର ମାସିକ ଭଡ଼ା ତିନି ମାସ ଧରି ପ୍ରଦାନ କରି ନଥିବେ ତେବେ ଆବଶ୍ୟକ ନିୟମ ଅନୁସାରେ ତାଙ୍କୁ ଦୋକାନ ଗୃହରୁ ବଂଚିତ କରାଯିବ ।

୧୨. ପୌର ପରିଷଦ କର୍ତ୍ତୃପକ୍ଷଙ୍କ ବିନାନୁମତିରେ ଦୋକନୀ ହିତାଧିକାରୀ ଦୋକାନ ଗୃହକୁ ପରିବର୍ତ୍ତନ (ଭିତର କିମ୍ବା ବାହାର ଅଂଶ) କରିପାରିବେ ନାହିଁ ।

୧୩. ଲୋକାଲ କର୍ତ୍ତୃପକ୍ଷଙ୍କ କିମ୍ବା ସରକାରଙ୍କ ଦ୍ଵାରା ଯେଉଁ ଟିକସ / ଫିଜ / ବିଦ୍ୟୁତ ଶୁଳ୍କ ଧାର୍ଯ୍ୟ କରାଯିବ ସେ ତାହା ନିର୍ଦ୍ଦିଷ୍ଟ ସମୟ ଅନୁସାରେ ପ୍ରଦାନ କରିବେ ।

୧୪. ଦୋକାନର ମାଲିକାନା ସତ୍ଵ ତିନି ବର୍ଷ ପାଇଁ ଧାର୍ଯ୍ୟ କରାଯିବ । ଆବଶ୍ୟକ ସମୟରେ ଏହା ଏକ ବର୍ଷକୁ ମଧ ବୃଦ୍ଧି ହୋଇପାରେ ।

୧୫. କୌଣସି ପରିସ୍ଥିତିରେ ଯଦି ଦୋକାନ ଗୃହ ବାବଦରେ ଦୁଇ ପକ୍ଷ ମଧ୍ୟରେ ବିବାଦ ଉପୁଜେ ତେବେ ଜିଲ୍ଲାପାଳ, ବଲାଙ୍ଗିରଙ୍କ ମଧ୍ୟସ୍ଥତାରେ ତାହା ସମାଧାନ କରାଯିବ ।

୧୬. ଚୁକ୍ତି ପତ୍ର ସଂପାଦନ ନିମନ୍ତେ ସର୍ବୋଚ୍ଚ ନିଲାମ ଧାରୀ ଏଥିପାଇଁ ସମସ୍ତ ଖର୍ଚ୍ଚ ବହନ କରିବେ ।

୧୭. ଅନ୍ୟ ସମସ୍ତ ସର୍ତ୍ତାବଳୀ ଚୁକ୍ତି ପତ୍ରରେ ସଂପାଦନ ନିମନ୍ତେ ବ୍ୟବସ୍ଥା ଗ୍ରହଣ କରାଯିବ ।

**ନିର୍ବାହୀ ଅଧିକାରୀ**
**ପୌର ପରିଷଦ, ଟିଟିଲାଗଡ଼**

Memo No. 2897(2) / dated. 18 . 12 . 20 /
Copy to the Collector , Balangir / Project Director, D.U.D.A., Balangir for kind information.

Executive Officer,
Municipality, Titilagarh.

Memo No. 2898 / dated. 18 . 12 . 20 /
Copy to the Director of Municipal Administration, Housing & Urban Development Department, Odisha, Bhubaneswar for kind information.

Executive Officer,
Municipality, Titilagarh.

Memo No. 2899(2) /dtd. 18 . 12 . 20 /
Copy to the Editor, Oriya daily i.e. "SAMAJ" / "ODISHA BHASKARA"/ for one day publication for publicity .

Executive Officer,
Municipality, Titilagarh

Memo No. 2900(3) /dtd. 18 . 12 . 20 /
Copy to Sub0Collector, Titilagarh/Block Development Officer, Titilagarh/Tahasildar, Titilagarh with a request to publish in their notice board.

Executive Officer,
Municipality, Titilagarh

Memo No. 2901 /dtd. 18 . 12 . 20 /
Copy to D.I.O.,N.I.C. ,Balangir to publish in District Website , Balangir.nic.in .

Executive Officer,
Municipality, Titilagarh

Memo No. 2902 /dtd. 18 . 12 . 20 /
Copy to the Office Notice Board for wide publication.

Executive Officer,
Municipality, Titilagarh